# ଜିଲ୍ଲା ସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ

Celebration of District level 71st Republic Day.

ଅନୁଗୋଳ ୨୭.୧ :- ୭୧ ତମ ସାଧାରଣତନ୍ତ୍ର ଦିବସ ଗତକାଲି ଅନୁଗୋଳ ସଦର ମହକୁମାରେ ପାଳିତ ହୋଇଯାଇଛି । ଅନୁଗୋଳ ଷ୍ଟାଡିୟମ ଠାରେ ଆୟୋଜିତ ସମାରୋହରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ,ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଆନୁଷ୍ଠାନିକ ପରେଡ ମାର୍ଚ୍ଚ ପାଷ୍ଟରେ ୪୩ ଗୋଟି ଦଳ ଅଂଶଗ୍ରହଣ କରି ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ଜିଲ୍ଲା ଜଳ ଓ ପରିମଳ ମିଶନ,ଉଦ୍ୟାନ ବିଭାଗ,କୃଷି ଓ କୃଷକ ସଶକ୍ତିକରଣ ବିଭାଗ,ଜିଲ୍ଲା ସ୍ୱାସ୍ଥ୍ୟ ସମିତି,ଜଳ ବିଭାଜିକା, ଜିଲ୍ଲା ସମାଜ ମଂଗଳ ବିଭାଗ(ମିଶନ ଶକ୍ତି),ସମଗ୍ର ଶିକ୍ଷା,ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ,ନାଲ୍‌କୋ,ଜିଲ୍ଲା ମଙ୍ଗଳ(ଅନ୍ୱେଷା) ଓ ଅନୁଗୋଳ ପୋଲିସ ବିଭାଗ ଦ୍ୱାରା ୧୨ଟି ପ୍ରଜ୍ଞାପନ ମେଢ ମାଧ୍ୟମରେ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା । ମନ୍ତ୍ରୀ ତାଂକ ଅଭିଭାଷଣରେ ସାଧାରଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆମ ସମ୍ବିଧାନ ପୃଥିବୀର ସର୍ବ ବୃହତ ଲିଖିତ ସମ୍ବିଧାନ । କୋଟି କୋଟି ଭାରତୀୟଂକ ଆଶା, ଆକାଂକ୍ଷା,ଅଭିପ୍‌ସା ଓ ସ୍ୱପ୍ନ ପ୍ରତିଫଳିତ ହୋଇଛି ଆମ ସମ୍ବିଧାନରେ । ଜାତୀର ଜନକ ମହାତ୍ମାଗାନ୍ଧୀଂକ ସମେତ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଦେଶର ଅଖଣ୍ଡତା ପାଇଁ ଯେଉଁ ଯବାନମାନେ ପ୍ରାଣବଳୀ ଦେଇଛନ୍ତି ସେମାନଂକ ଉଦ୍ଦେଶ୍ୟରେ ସେ ଗଭୀର ଶ୍ରଦ୍ଧାଂଜଳୀ ଜଣାଇଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନିଜକୁ ଏକ ସାର୍ବଭୌମ,ଗଣତନ୍ତ୍ର ରାଷ୍ଟ୍ର ଭାବରେ ଆମେ ଯେତେବେଳେ ଗର୍ବ ଅନୁଭବ କରୁ ସେତେବେଳେ ମନେପଡେ ଜାତୀୟ ସଂଗ୍ରାମର ମୁକ୍ତି ଯୋଦ୍ଧାମାନଂକର ତ୍ୟାଗ ଓ ବଳିଦାନର କାହାଣୀ । ଆଜି ମଧ୍ୟ ଅନୁଗୋଳ ଜିଲ୍ଲାର ସଂଗ୍ରାମୀମାନଂକ ଅସିମ ତ୍ୟାଗ ଓ ସାହାସ ଓଡିଶାବାସୀଂକ ଭିତରେ ଶିହରଣ ସୃଷ୍ଟି କରେ । ଓଡିଶାରେ ସଂଘଠିତ ଜାତୀୟ ସଂଗ୍ରାମର ମହାସ୍ରୋତରେ ଅନୁଗୋଳ ଜିଲ୍ଲାର ହଜାର ହଜାର ଜନସାଧାରଣ ନିଜକୁ ସାମିଲ କରିଥିଲେ । ଅନୁଗୋଳର ପବିତ୍ର ମାଟି ସଂଗ୍ରାମର ମାଟି । ସେଥିପାଇଁ ବେଠି ବେଗାରୀକୁ ବେଖାତିର କରି ୧୮୯୧ ମସିହାରେ ପ୍ରଣୟନ କରାଯାଇଥିବା କଳଂକିତ ଅନୁଗୋଳ ରେଗୁଲେଟାରୀ ଆକ୍‌ଟକୁ ବିରୋଧ କରିଥିବା ଅନୁଗୋଳର ମହାନ ସଂଗ୍ରାମୀମାନଂକ ସ୍ମୃତିଚାରଣ କରିଥିଲେ । ମହାନ ସର୍ବୋଦୟ ନେତା, ତ୍ୟାଗ ଓ ସେବାର ମୁର୍ତ୍ତୀମନ୍ତ ପ୍ରତୀକ ନବକୃଷ୍ଣ ଚୌଧୁରୀ ଓ ତାଂକର ସହଧର୍ମିଣୀ ମାଳତୀ ଦେବୀ ଅନୁଗୋଳକୁ ନିଜର କର୍ମଭୂମୀ ଭାବରେ ଆଦରି ନେଇ ଏ ମାଟିକୁ ଧନ୍ୟ କରିଛନ୍ତି । ସେହିପରି ରାଧାମୋହନ ଗଡନାୟକଂକ ସାହିତ୍ୟ କୃତୀ ଏହି ମାଟିକୁ ସୁନାମଧନ୍ୟ କରିଛି । ଶୈଳଶ୍ରୀକ୍ଷେତ୍ର, ମା ବୁଢୀ ଠାକୁରାଣୀ, ସାତକୋଶିଆ ଅଭୟାରଣ୍ୟ,ଭୀମକୁଣ୍ଡ,ହିଂଗୁଳା ପିଠ,ଗାନ୍ଧୀ ସ୍ମୃତି ପିଠ ଆଦି ପର୍ଯ୍ୟଟନସ୍ଥଳୀ ପାଇଁ ଅନୁଗୋଳ ବିଶ୍ୱ ବିଖ୍ୟାତ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ରାଜ୍ୟରେ ଏକ ଉତ୍ତରଦାୟୀ କାର୍ଯ୍ୟକ୍ଷମ,ସ୍ୱଛ,ସକ୍ରୀୟ ପ୍ରଶାସନ ଦେବା ପାଇଁ ସରକାର '୫ଟି'ର ଆହ୍ୱାନ ଦେଇଛନ୍ତି । ଏହାକୁ ମୁଳମନ୍ତ୍ର ରୂପେ ଗ୍ରହଣ କରି ରାଜସ୍ୱ ବିଭାଗ ତରଫରୁ ବିଭିନ୍ନ ଫଳପ୍ରସୁ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କୃଷି ଓ କୃଷକର ଉନ୍ନତି ପାଇଁ କାଳିଆ ଯୋଜନା ସହ ସହରାଂଚଳକୁ ଆସୁଥିବା ଗରିବ ଲୋକମାନଂକୁ ଆହାର ଯୋଜନାରେ ୫ଟଂକାରେ ରଂଧାଖାଦ୍ୟ ଯୋଗାଇ ଦିଆଯିବା ନିମନ୍ତେ ହସପିଟାଲ ନିକଟବର୍ତ୍ତୀ ରାଜ୍ୟର ୫୬ଟି ଆହାର କେନ୍ଦ୍ରରେ ରାତ୍ରିକାଳିନ ଭୋଜନ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ସେହିପରି ଯାଗା ଯୋଜନାରେ ସହରାଂଚଳ ବସ୍ତି ବାସିନ୍ଦାଂକୁ ଭୂମୀ ଅଧିକାର ପ୍ରଦାନ କରିବା ସହ ବିଜୁ ପକ୍କା ଘର ଯୋଜନାରେ ଗରିବ ଲୋକ,ନିର୍ମାଣ ଶ୍ରମିକ,ସଂଖ୍ୟା ଲଘୁ ଓ ଭିନ୍ନକ୍ଷମ ହିତାଧିକାରୀମାନଂକୁ ସହାୟତା ପ୍ରଦାନ କରାଯାଉଛି । କୃଷି ଉତ୍ପାଦନ କ୍ଷେତ୍ରରେ ଆମ ସଫଳତା ପାଇଁ ବିଗତ ୮ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡିଶାକୁ ୬ ଥର ସମ୍ମାନିତ କରିଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ପରିମାଣ ବୃଦ୍ଧି କରାଯାଇଛି । ମମତା ଯୋଜନାରେ ଗର୍ଭବତୀ ମହିଳା ଓ ପ୍ରସୂତିଂକୁ ସହାୟତା, ମହିଳା ସଶକ୍ତିକରଣ ପାଇଁ ୭ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ହିତାଧିକାରୀଂକୁ ପ୍ରୋତ୍ସାହନ, ୩ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଂକୁ ୧୫ ହଜାର ଟଂକା ଲେଖାଏଁ ସିଡ୍ ମନି ପ୍ରଦାନ ଓ ୬ ଲକ୍ଷ ଗୋଷ୍ଠୀକୁ ଡିଜିଟାଲ କ୍ଷେତ୍ରରେ ସମର୍ଥ କରିବା ସହ ୩ଲକ୍ଷ ଟଂକା ପର୍ଯ୍ୟନ୍ତ ବିନା ସୁଧରେ ମିଶନ ଶକ୍ତି ଋଣ ଯୋଗାଇ ଦିଆଯାଉଛି ।

ଜନଜାତି ଭାଇ ଭଉଣୀମାନଙ୍କ ସାମାଜିକ,ଅର୍ଥନୈତିକ ବିକାଶ ପାଇଁ ୯ଟିଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ସେମାନଙ୍କୁ ଜଂଗଲ ଜମି ଅଧିକାର ପ୍ରଦାନ,ସେହି ଅଂଚଳରେ ଜନ ଜାତି ଛାତ୍ରଛାତ୍ରୀଂକ ପାଇଁ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ ନିର୍ମାଣ କରି ସରକାର ସମାଜର ସବୁ ବର୍ଗର ଲୋକଂକ ପାଇଁ ସମାନ ପଦକ୍ଷେପ ନେଇଛନ୍ତି । ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନା ଗମନ କ୍ଷେତ୍ରରେ ମଧ୍ୟ ଏହି ରତ୍ନଗର୍ଭା ମାଟିର ବିକାଶର ଧାରା ଅବ୍ୟାହତ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏକ ନିରବଛିନ୍ନ ସ୍ଥିର ଓ ପ୍ରଗତୀଶିଳ ସରକାର ଚାଲିଛି । ଆଜି ପ୍ରଗତୀ ଆମ ପାଇଁ ପରମ୍ପରାରେ ପରିଣତ ହୋଇଛି ଓ ବିକାଶ ପ୍ରତିଟି ମଣିଷ ପାଖରେ ପହଂଚିପାରିଛି ବୋଲି ମନ୍ତ୍ରୀ ତାଂକ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଂକୁ ମନ୍ତ୍ରୀ ପୁରସ୍କୃତ କରିଥିଲେ । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗତ ୨୦୧୯ ସାଧାରଣ ନିର୍ବାଚନରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶ୍ରୀମତୀ ଅନିତା ଦାସ,ପାଲଲହଡା ଆଇ ସି ଡି ଏସର ଡୁଡିପାଣି ଅଂଗନୱାଡି କେନ୍ଦ୍ରର ଅଂଗନୱାଡି କର୍ମୀ ରୋହିଣୀ ଦେଇ, ଛେଣ୍ଡିପଦା ବ୍ଲକ୍ ଟାଂଗିରି ସ୍ୱାସ୍ଥ୍ୟ ଉପ-କେନ୍ଦ୍ରର ଚମ୍ପା ସାହୁ, ଅନୁଗୋଳ ପୌରପାଳିକାର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ଶ୍ରୀ ସୁରେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଗତ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ରେ ଉତ୍ତମ ସାଜ ସଜା ଶୃଂଖଳିତ ଭାବେ ପାଳନ କରିବା,ମୂର୍ତ୍ତୀ ସାଜ ସଜା ଓ ଆତସବାଜି କାର୍ଯ୍ୟକ୍ରମରେ ବିଭିନ୍ନ ପୂଜା କମିଟିଗୁଡିକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅମଲାପଡା,ହେମସୁରପଡା,ଦୁର୍ଗା ଶଂକର ଓ ସିମିଳିପଡା ଦୁର୍ଗା ପୂଜା କମିଟିକୁ ଦୁର୍ଗାପୂଜା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଲକ୍ଷ୍ମୀପୂଜା ନିମନ୍ତେ ବଜାର ଛକ(ଶଂକର ସିନେମା ରୋଡ),କାଂଚନ ବଜାର ଓ ଲକ୍ଷ୍ମୀ ବଜାରପୂଜା କମିଟି ଏବଂ ଆବସବାଜୀ କାର୍ଯ୍ୟକ୍ରମରେ ବସଷ୍ଟାଣ୍ଡ ଓ ହୁଲୁରୁସିଂଗା ପୂଜା କମିଟିଗୁଡିକୁ ଟ୍ରକ ମାଲିକ ସଂଘ ଓ ବସ ମାଲିକ ସଂଘ ତରଫରୁ ସିଲଡ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ କ୍ରୀଡାବୀତ୍ ସମରକଳାରେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଏବଂ ରୌପ୍ୟ ପଦକ ହାସଲ କରିଥିବା ଶ୍ରୀ କୁନ୍ଦନ କୁମାର, ଜାତୀୟ ସ୍ତରରେ ସମରକଳାରେ ରୌପ୍ୟ ପଦକ ବିଜେତା ଶ୍ରୀ ଚିତ୍ତ ରଂଜନ ମହନ୍ତ, ୧୦୦ ମିଟର ଓ ୪୦୦ ମିଟର ଦୌଡ ପ୍ରତିଯୋଗିତାରେ ଶ୍ରୀ ପ୍ରକାଶ କୁମାର ଗଡନାୟକ,୨୦ କି.ମି. ଦ୍ରୁତ ଚାଲିବାରେ ରାଜ୍ୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା ଶ୍ରୀ ନିଳମଣି ଦାସ, ୧୦ କି.ମି ଦ୍ରୁତ ଚାଲିବାରେ ରାଜ୍ୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା ଶ୍ରୀ ଗୋବିନ୍ଦ ପାଣ୍ଡେ,୫ କି.ମି ଚାଲିବାରେ ରାଜ୍ୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା ପୂଜା ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେଡ ମାର୍ଚ୍ଚ ପାଷ୍ଟରେ ଶ୍ରେଷ୍ଠ ପରେଡ ପ୍ରଦର୍ଶନ କରିଥିବା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,ଅନୁଗୋଳ ଉଚ୍ଚ ବିଦ୍ୟାଳୟ,ପିଟିସି ଉଚ୍ଚ ବିଦ୍ୟାଳୟ,ଅମରବାଣୀ ଉଚ୍ଚ ବିଦ୍ୟାଳୟ,ଜବାହାର ନବୋଦୟ ବିଦ୍ୟାଳୟ,ହୁଲୁରୁସିଂହା ଉ ପ୍ରା ବିଦ୍ୟାଳୟ ଓ ଉତ୍ତରପଡା ନୋଡାଲ ଉ ପ୍ରା ବିଦ୍ୟାଳୟର ଦଳଗୁଡିକୁ ମୁଖ୍ୟ ଅତିଥି ସିଲଡ୍ ପ୍ରଦାନ କରିଥିଲେ । ରୋଟାରୀ ପବ୍ଲିକ୍ ସ୍କୁଲ,ସରସ୍ୱତୀ ଶିଶୁ ମନ୍ଦିର,ଆଦର୍ଶ ଇଣ୍ଟର ନ୍ୟାସନାଲ ଓ ଓଡିଶା ଆଦର୍ଶ ବିଦ୍ୟାଳୟ(ଖଣ୍ଡହତା)ର ଛାତ୍ର ଛାତ୍ରୀମାନେ ପରେଡ ପଡିଆରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ । ପରେ ମୁଖ୍ୟ ଅତିଥି ରକ୍ତ ଭଣ୍ଡାର ଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମନ୍ତ୍ରୀ ପରିଦର୍ଶନରେ ଯାଇ ରୋଗୀମାନଂକୁ ଫଳ ବଣ୍ଟନ କରିବା ସହ ଚିକିତ୍ସା ସେବା ସମ୍ପର୍କରେ ରୋଗୀମାନଂକ ସହ ବାର୍ତ୍ତାଳାପ କରିଥିଲେ । ସେହିପରି ଅନୁଗୋଳ ଜେଲ ପରିଦର୍ଶନ କରି ଅନ୍ତେବାସୀମାନଂକୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ଅନ୍ତେବାସୀମାନଂକ ମଧ୍ୟରେ ଏ ଟିଭି ତରଫରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଂକୁ ପୁରସ୍କୃତ କରିଥିଲେ । ଅପରାହ୍ନରେ ମନ୍ତ୍ରୀ ଆଦୃତା ଶିଶୁ ଗୃହକୁ ପରିଦର୍ଶନରେ ଯାଇ ପିଲାମାନଂକୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ସେମାନଂକର ପାଠ ପଢା ଓ ଖାଦ୍ୟ ପାନୀୟ ସମ୍ପର୍କରେ ମନ୍ତ୍ରୀ ଅବଗତ ହୋଇଥିଲେ । ଅନୁଷ୍ଠାନର ଛାତ୍ରୀମାନେ ମନ୍ତ୍ରୀଙ୍କ ସମ୍ମୁଖରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ । ଅନୁଷ୍ଠାନର ପରିଚାଳନା ଓ ଅଭାବ ଅସୁବିଧା ସମ୍ପର୍କରେ ମନ୍ତ୍ରୀ କର୍ମକର୍ତ୍ତାଂକ ସହ ଆଲୋଚନା କରିଥିଲେ । ସକାଳେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଜିଲ୍ଲା କାର୍ଯ୍ୟାଳୟ,ଅନୁଗୋଳ ଉପ ଜିଲାପାଳ କାର୍ଯ୍ୟାଳୟ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ଅନୁଗୋଳ ପୌରପାଳିକା,ଜିଲ୍ଲା ସମଗ୍ର ଶିକ୍ଷା,ଅବକାରୀ ଓ ତାମଡା କାର୍ଯ୍ୟାଳୟ

ପରିସରରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୁନ ରେକର୍ଡ ବଜାଯାଇ ସହର ପରିକ୍ରମା କରାଯିବା ସହ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଂକ ଦ୍ୱାରା ପ୍ରଭାତ ଫେରୀ କରାଯାଇଥିଲା । ନିର୍ଦ୍ଧାରିତ ସମୟ ସକାଳ ଘ.୭.୩୦ ମି. ସମୟରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଜାତୀୟ ପତାକା ଉତ୍ତୋଳନ କରି ଏହି ଉତ୍ସବକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଂକ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପ ତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅମରେନ୍ଦ୍ର ନାଥ ମହାନ୍ତି, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ ନାୟକ,ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍, ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ,ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ବିନୋଦ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ,ସହରର ବିଶିଷ୍ଟ ବ୍ୟକ୍ତି,ବୁଦ୍ଧିଜିବୀ,ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ପରିଚାଳନା କରିଥିବାବେଳେ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ । ରିଜର୍ଭ ଇନିସ୍‌ପେକ୍ଟର ଶ୍ରୀ ସୁବଳ ସୋରେନ୍ ଓ ସର୍ଜେଣ୍ଟ ଶ୍ରୀ ଶକ୍ତିକାନ୍ତ ନାୟକ ପରେଡ ପରିଚାଳନା କରିଥିଲେ । ଛେଣ୍ଡିପଦା ଡି ଆଇ ଇ ଟିର ଶିକ୍ଷକ ଶ୍ରୀ ଲକ୍ଷ୍ମଣ କୁମାର ସାହୁ ଓ ଶ୍ରୀରାମ ଆବାସିକ ମହାବିଦ୍ୟାଳୟର ଶ୍ରୀମତୀ ପ୍ରତିଭା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ସଭାଘର ପରିସରରେ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏକକ ଅଭିନୟ ଓ କୌତୁକ ପୋଷାକ ପ୍ରତିଯୋଗିତାକୁ କଳାକାର ସଭାପତି ଶ୍ରୀ ଭୂପେଶ ଚନ୍ଦ୍ର ପ୍ରଧାନ,ନୃତ୍ୟ ନିଳୟର ଶ୍ରୀ ଯଜ୍ଞ ରାୟ,କଳାକାରର ସଦସ୍ୟ ଶ୍ରୀ ରଂଜନ କୁମାର ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗଦୀଶ ରାୟ ପ୍ରମୁଖ ପରିଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଡା.ଧରଣୀ ଧର ନାଥ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଗୁରୁଭା ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଦଳଗୁଡିକୁ ପୁରସ୍କୃତ କରିଥିଲେ । ଜିଲ୍ଲା ଗ୍ରନ୍ଥାଗାରିକ ଶ୍ରୀ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


୭୧ତମ
ଜିଲ୍ଲା ସ୍ତରୀୟ
ସମାରୋହ
ବିଭାଗ, ଅନୁଗୋଳ








JSPL
FOUNDATION